## ସଂକ୍ଷେପରେ

### କୀଟନାଶକ ପିଇଦେଲେ ଯୁବକ

ପରଜଙ୍ଗ, ୯।୨(ଡି.ଏନ୍.ଏ.)- ପରଜଙ୍ଗ ଥାନା ୧୪୯ନଂ. ଜାତୀୟ ରାଜପଥର ପରମହଂସପୁର ଛକ ନିକଟ ଜଙ୍ଗଲରେ ବିଷପାନ କରି ମୁର୍ମୂଷୁ ଅବସ୍ଥାରେ ପଡ଼ିଥିବା ଜଣେ ଯୁବକଙ୍କୁ ଶନିବାର ଉଦ୍ଧାର କରାଯାଇଛି। ସେ ହେଲେ ଦୁର୍ଗାପୁର ଅଞ୍ଚଳର ରାଜେଶ ଶତପଥୀ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ତାଳଚେରସ୍ଥିତ ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ସମ୍ପୃକ୍ତ ଯୁବକ ଦଦରାଘାଟି ଅଞ୍ଚଳରୁ ବାଇକ୍ (ଓଡ଼ି ୧୯ ଏମ୍ ୮୯୬୪)ରେ ଆସି ପରମହଂସପୁର ଛକ ନିକଟରେ ଥିବା ଏକ ଦୋକାନରେ ଛିଡ଼ା ହୋଇ ଫୋନ୍‌ରେ କଥା ହେଉଥିଲେ। କିଛି ସମୟ ପରେ ସେ ଜଙ୍ଗଲକୁ ଚାଲିଯାଇଥିଲେ। ସେଠାରେ ବାଇକ୍ ଉପରେ ବସି କଥା ହେଉଥିଲେ। ହଠାତ୍ ତଳେ ପଡ଼ି ଚିତ୍କାର କରିବାରୁ ଅଞ୍ଚଳବାସୀ ରୁଣ୍ଡ ହୋଇଯାଇଥିଲେ। ଯୁବକଙ୍କ ନିକଟରେ ବିଷାକ୍ତ ଔଷଧ ଶିଶି (ଟାକ୍ସନ-୩୯ ) ପଡ଼ିଥିବା ଦେଖିବାକୁ ମିଳିଛି। ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ଅନୁମାନ କରାଯାଉଛି।

### ବସ୍ ପଛରେ ପିଟିଲା ସ୍କୁଟି, ଚାଳକ ମୃତ



ପରଜଙ୍ଗ, ୯।୨(ଡି.ଏନ୍.ଏ.) ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ମୁଣ୍ଡେଇଲୋ ଛକ ନିକଟରେ ଶନିବାର ସନ୍ଧ୍ୟାରେ ବସ୍ ପଛରେ ପିଟି ହୋଇ ଜଣେ ସ୍କୁଟି ଚାଳକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ପିତିରି ପଞ୍ଚାୟତ ଖାଲପାଳ ଗ୍ରାମର ଅକ୍ଷୟ ମହାନ୍ତି। 'ସୋନାଲୀ' (ଓଆର୍ ୦୬ ଡି ୭୮୯୫) ନାମକ ଉକ୍ତ ଘରୋଇ ବସ୍ ଅଚଳ ହୋଇ ରାସ୍ତାରେ ଅଟକି ରହିଥିଲା। ଏ ସମ୍ପର୍କରେ କୌଣସି ସତର୍କତାମୂଳକ ସୂଚନା ଦିଆଯାଇ ନ ଥିଲା। ସନ୍ଧ୍ୟାରେ ଅକ୍ଷୟ ସ୍କୁଟି (ଓଡ଼ି ୧୯ ଇ ୦୪୨୬)ରେ ପିତିରିରୁ ପରଜଙ୍ଗ ଆସୁଥିବାବେଳେ ଅନ୍ଧାରରେ ଛିଡ଼ା ହୋଇଥିବା ଗାଡ଼ିକୁ ଦେଖି ନ ପାରି ଧକ୍କା ଦେଇଥିଲେ। ସ୍କୁଟିଟି ବସ୍ ଭିତରକୁ ପଶି ଯାଇଥିଲା। ସ୍ଥାନୀୟ ଯୁବବାହିନୀ କର୍ମକର୍ତ୍ତା ତାଙ୍କୁ ଉଦ୍ଧାର କରି ଅଗ୍ନିଶମ ଗାଡ଼ିରେ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା। ପୋଲିସ ପହଞ୍ଚି ବସ୍ ଏବଂ ସ୍କୁଟିକୁ ଜବତ କରିବା ସହ ଯାତାୟାତ ସ୍ୱାଭାବିକ କରିଥିଲା।

### ଚୋରା ମଦ କାରବାର, ୩ ଗିରଫ

ଓଡ଼ାପଡ଼ା, ୯।୨(ଡି.ଏନ.ଏ.) ଚୋରା ମଦ ବ୍ୟବସାୟରେ ସମ୍ପୃକ୍ତ ଅଭିଯୋଗରେ ମୋଟଙ୍ଗା ଥାନା ଅଞ୍ଚଳର ମହେଶ୍ୱର ନାୟକ, ବାବାଜୀ ଜେନା, ନାରାୟଣ ରାଉତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଦେଶୀ ଏବଂ ବିଦେଶୀ ମଦ ଜବତ କରାଯାଇଛି। ଏ ନେଇ ଥାନାରେ ୧୬/୧୯, ୧୭/୧୯, ୧୮/୧୯ରେ ମାମଲା ରୁଜୁ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ନମିତା ସାହୁ ସୂଚନା ଦେଇଛନ୍ତି।

■ସଡ଼କ ସୁରକ୍ଷା ସପ୍ତାହ ପ୍ରହସନ

# ପୁଣି ଅପେକ୍ଷା କରାଇଲେ

ଢେଙ୍କାନାଳ ଅଫିସ, ୯।୨

ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଏବଂ ଦାୟିତ୍ୱହୀନତା କାରଣରୁ ଢେଙ୍କାନାଳ ଜିଲାରେ ଆରମ୍ଭ ହୋଇଥିବା ଜାତୀୟ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପ୍ରହସନ ପାଲଟିଛି। ଉଦ୍‌ଘାଟନୀ ଦିବସରେ ହୋଇଥିବା

■କୌଣସି ଅଧିକାରୀଙ୍କ ଦେଖା ମିଳିଲାନି
■ସୂଚନା ନ ଦେଇ କାର୍ଯ୍ୟକ୍ରମ ବାତିଲ
■ନିରାଶରେ ଫେରିଲେ ଶତାଧିକ ଛାତ୍ରୀଛାତ୍ର

ଅବ୍ୟବସ୍ଥା ପ୍ରଶାସନର ଅପାରଗତାକୁ ପଦାରେ ପକାଇଥିବାବେଳେ ଶନିବାର ଏହାର ପୁନରାବୃତ୍ତି ହୋଇଛି। ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଲାଗି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଜିଲା କାର୍ଯ୍ୟାଳୟରେ ଏକାଠି ହେବାକୁ ପ୍ରଶାସନ ପକ୍ଷରୁ ଚିଠି କରାଯାଇଥିଲା। ହେଲେ ସାଢ଼େ ୩ ଘଣ୍ଟା ଯାଏ କୌଣସି ଅଧିକାରୀଙ୍କ ଦେଖାମିଳି ନ ଥିଲା। ଫଳରେ ଶୋଭାଯାତ୍ରାରେ ସାମିଲ ହେବାକୁ ଆସିଥିବା ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଦୀର୍ଘ ସମୟ ଅପେକ୍ଷା କରି ଶେଷରେ ନିରାଶରେ ଫେରିଥିଲେ।

ଶିଳ୍ପ ସମୃଦ୍ଧ ଢେଙ୍କାନାଳ ଜିଲାରେ ଦୁର୍ଘଟଣା ରୋକିବା, ଏ ଦିଗରେ ସଚେତନତା ସୃଷ୍ଟି କରିବା ଦିଗରେ ସଡ଼କ ସୁରକ୍ଷା ସପ୍ତାହର ଗୁରୁତ୍ୱ ଅନେକ। ହେଲେ ଏହାକୁ ହେୟଜ୍ଞାନ କରି ଚାଲିଛନ୍ତି ପ୍ରଶାସନିକ ଅଧିକାରୀ, ଯାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଥିଲା ଶନିବାର ପୂର୍ବାହ୍ନ ୮ଟାରେ। ସରକାରୀ ଚିଠି ପାଇ ବିଭିନ୍ନ ସ୍କୁଲର ଶତାଧିକ ପିଲା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ଦ୍ୱିତୀୟ ଶନିବାର ଛୁଟି ଥିବାରୁ ଅଧିକାଂଶ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ତେଣୁ କୌଣସି ଅଧିକାରୀ ଆସି ନ ଥିଲେ। ଅନ୍ୟପଟେ ବିନା ସୂଚନାରେ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଥିଲା। ଫଳରେ ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ୟୁନିଫର୍ମ ପିନ୍ଧି ଆସିଥିବା ଛାତ୍ରୀଛାତ୍ରମାନେ ଦୀର୍ଘ ସାଢ଼େ ୩ ଘଣ୍ଟା ଅପେକ୍ଷା କରିଥିଲେ। ପିଲାମାନଙ୍କୁ ଡାକି ବିନା ସୂଚନାରେ କାର୍ଯ୍ୟକ୍ରମ ବାତିଲ କରିଦେବାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଅଭିଭାବକ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଏ ସମ୍ପର୍କରେ ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଶୀମ୍‌ଆରା ବେଗମ୍‌ଙ୍କୁ କୁହନ୍ତି, ସରକାରୀସ୍ତରରେ ଚିଠି ଆସିଥିବାରୁ ପିଲାମାନଙ୍କୁ ପଠାଯାଇଥିଲା। କାର୍ଯ୍ୟକ୍ରମ ବାତିଲ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବା ସେ କହିଛନ୍ତି। ଏ ନେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ମୋଟରଯାନ ନିରୀକ୍ଷକ ଶ୍ରୀବତ୍ସ ଦଳେଇ କୁହନ୍ତି, ଶନିବାର ବିଭାଗ ପକ୍ଷରୁ କୌଣସି ସଚେତନତାମୂଳକ କାର୍ଯ୍ୟକ୍ରମ ନ ଥିଲା। ପିଲାମାନେ କାହିଁକି ଆସିଥିଲେ କହିପାରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ବାରମ୍ବାର ଏପରି ଅବ୍ୟବସ୍ଥା ହେଉଥିବାରୁ ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ସୁଲକ୍ଷଣା ଦେବୀ ସ୍କୁଲର ଛାତ୍ରୀମାନେ ଜିଲା କାର୍ଯ୍ୟାଳୟରେ ଅପେକ୍ଷା କରି ବସିଛନ୍ତି।

## ଫଟୋରେ ଖବର



ସରସ୍ୱତୀ ପୂଜା ଅବ୍ୟବହିତ ପୂର୍ବରୁ ଶନିବାର ଅନୁଗୋଳସ୍ଥିତ ଦଶହରା ପଡ଼ିଆରେ ଜଣେ ଶିଳ୍ପୀ ବିଦ୍ୟାଦାୟିନୀଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ-ବୁବୁ)

## ସାପ୍ତାହିକ କାର୍ଯ୍ୟକ୍ରମ

**୧୦।୨।୧୯**
**ଅନୁଗୋଳ**
■ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ସମାରୋହ
ସ୍ଥାନ: ଟ୍ରକ ଓନର୍ସ ଆସୋସିଏଶନ
ସମୟ: ପୂର୍ବାହ୍ନ ୧୦ଟା।

■ଆଦର୍ଶ ସାମୂହିକ ବିବାହ
ସ୍ଥାନ: ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁ ମନ୍ଦିର
ସମୟ: ପୂର୍ବାହ୍ନ ୮ଟା।

■ସରସ୍ୱତୀ ପୂଜା
ସମୟ: ପୂର୍ବାହ୍ନ ୧୦ଟା।
ସ୍ଥାନ: ବିଭିନ୍ନ ଶିକ୍ଷାନୁଷ୍ଠାନ।

**୧୧।୨।୧୯**
**ଢେଙ୍କାନାଳ**
■ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ସମାରୋହ
ସ୍ଥାନ:ମିନି ଷ୍ଟାଡିୟମ୍
ସମୟ: ପୂର୍ବାହ୍ନ ୯ଟା।

■ଜନ ଅଭିଯୋଗ ଶୁଣାଣି ଶିବିର
ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭୁବନ
ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**
■ମିଳିତ ଜନଶୁଣାଣି ଶିବିର
ସ୍ଥାନ: ତାଳଚେର ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

**୧୨।୨।୧୯**
**ଢେଙ୍କାନାଳ**
■ରୋଜଗାର ମେଳା
ସ୍ଥାନ:ସିନର୍ଜି ଇଞ୍ଜିନିୟରିଂ କଲେଜ
ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**
■ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ
ସ୍ଥାନ: ବନ୍ତଳା
ସମୟ: ଅପରାହ୍ନ ସାଢ଼େ ୪ଟା।

■ସାଇକେଲରେ ଭାରତ ଭ୍ରମଣ

# ରକ୍ତଦାନ ମହତ୍ତ୍ୱ ବୁଝାଉଛନ୍ତି ଜୟଦେବ

ଢେଙ୍କାନାଳ ଅଫିସ, ୯।୨

କଥାରେ ଅଛି ରକ୍ତ ଦାନ, ମହତ୍ ଦାନ। ରକ୍ତଦାନ ଦ୍ୱାରା କାହାରି କୌଣସି କ୍ଷତି ହୁଏନାହିଁ, ବରଂ ବଞ୍ଚିଯାଇପାରେ ଏକ ଅମୂଲ୍ୟ ଜୀବନ। ଏହି ଧାରଣାକୁ ହୃଦୟଙ୍ଗମ କରିଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ ଥାନା ଅଞ୍ଚଳର ଜୟଦେବ ରାଉତ (୪୯)। ଯୁବପିଢ଼ି ଏବଂ ଛାତ୍ର ସମାଜକୁ ଏ ଦିଗରେ ସଚେତନ କରାଇବା ଉଦ୍ଦେଶ୍ୟରେ ସେ ବାହାରିଛନ୍ତି ଭାରତ ପରିଭ୍ରମଣରେ। ଜୟଦେବଙ୍କ ଏପରି ମହତ୍‌କାଂକ୍ଷାକୁ ବିଭିନ୍ନ ମହଲରେ ମିଳିଛି ଅଜସ୍ର ପ୍ରଶଂସା।

ଜୟଦେବଙ୍କ ଜନ୍ମ କଲିକତାରେ। ହୁଗୁଳି ଜିଲାରେ ଥିବା ଏକ ଝୋଟକଳର ସେ କର୍ମଚାରୀ। ରୋଗାକ୍ରାନ୍ତ ଗରିବ ଲୋକମାନେ ରକ୍ତଲାଗି ହୀନସ୍ତା ହେବା, ରକ୍ତ ନ ପାଇ ପ୍ରାଣ ହରାଇବା ଭଳି ଦୃଶ୍ୟ ତାଙ୍କୁ ବିଚଳିତ କରି ପକାଇଥିଲା। ରକ୍ତ ଅଭାବରୁ ଯେପରି କାହାରି ଜୀବନ ନ ଯାଏ, ସେ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେ ସାଇକେଲରେ ଭାରତ ଭ୍ରମଣରେ ବାହାରିଛନ୍ତି। ୨୦୧୮ ଅକ୍ଟୋବର ୫ରୁ କଲିକତାର ବାରାସାତ ଅଞ୍ଚଳରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ମଧ୍ୟରେ ସେ ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ନୂଆଦିଲ୍ଲୀ, ହରିୟାଣା, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର ଏବଂ ଓଡ଼ିଶା ଆଦି ରାଜ୍ୟ ବୁଲିସାରିଲେଣି। ଛତିଶଗଡ଼ ରାଜ୍ୟରେ ପରିକ୍ରମା ସାରି ସେ ଓଡ଼ିଶାରେ ବରଗଡ଼, ସମ୍ବଲପୁର ଓ ଅନୁଗୋଳ ଦେଇ ଶନିବାର ଅପରାହ୍ନ ୪ଟା ୧୫ରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାରରେ ପହଞ୍ଚିଥିଲେ। ଜିଲା ରେଡ୍‌କ୍ରସ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି, ଡା. ପ୍ରେମାନନ୍ଦ ସାହୁ, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ମହେଶ ଅଗ୍ରୱାଲ, ନାରାୟଣ ପୋଦ୍ଦାର, ରାଜକିଶୋର ବେହେରା, ରାମେଶ୍ୱର ମାଇତି, ରକ୍ତଭଣ୍ଡାର ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ବାସୁଦେବ ସାହୁ ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଢେଙ୍କାନାଳରେ ରାତ୍ରିଯାପନ ପରେ ରବିବାର ସେ କଟକ ଅଭିମୁଖେ ଯାତ୍ରା କରିବେ। ଫେବୃୟାରୀ ତୃତୀୟ ସପ୍ତାହରେ କଲିକତାରେ ଏହି ଯାତ୍ରା ସମାପ୍ତ ହେବ ବୋଲି ସେ ସୂଚନା ଦେଇଛନ୍ତି।

ନିଜର ଅନୁଭୂତି ସମ୍ପର୍କରେ ଜୟଦେବ କୁହନ୍ତି, ତାଙ୍କୁ ରାଜସ୍ଥାନ, ମହାରାଷ୍ଟ୍ର, ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରୋତ୍ସାହନ ମିଳିଛି। ଯାତ୍ରା ସମୟରେ ରେଢ଼ାଖୋଲ ପୂର୍ବରୁ ସାଇକେଲ ପ୍ୟାଡେଲ ଭାଙ୍ଗିଯାଇଥିଲା। ଏଥିଲାଗି ୫୫ନଂ. ଜାତୀୟ ରାଜପଥରେ ତାଙ୍କୁ ଦୀର୍ଘ ପଥ ଚାଲିବାକୁ ପଡ଼ିଥିଲା। ରେଢ଼ାଖୋଲରେ ପହଞ୍ଚିବା ପରେ ସେ ସାଇକେଲକୁ ମରାମତି କରିଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ତଥାପି ସେ ନିଜର ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି।



ଜୟଦେବଙ୍କୁ ଜିଲା ରକ୍ତଭଣ୍ଡାର ପରିସରରେ ସମ୍ବର୍ଦ୍ଧିତ କରାଯାଉଛି।

### ମା' ହିଙ୍ଗୁଳା କପ୍ କ୍ରିକେଟ: ଭୁବନେଶ୍ୱର ଫାଇନାଲରେ

ଭୁବନ, ୯।୨(ଡି.ଏନ୍.ଏ.)

ଭୁବନ ବ୍ଲକ ମୃଦଙ୍ଗା ଖେଳପଡ଼ିଆରେ ଚାଲିଥିବା ୨୧ତମ ମା' ହିଙ୍ଗୁଳା କପ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଜଗତ୍‌ସିଂହପୁରକୁ ଏକତରଫା ଭାବେ ହରାଇ ଫାଇନାଲରେ ପ୍ରବେଶ କରିଛି ଭୁବନେଶ୍ୱର। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ସଂଗ୍ରହ କରିଥିଲା ୨୩୮ ରନ୍। ଶ୍ରୀ ବିନାୟକ ଚିତ୍ତାକର୍ଷକ ବ୍ୟାଟିଂ କରି ୧୧୧ ରନ୍ ସଂଗ୍ରହ କରିଥିଲେ। ବିଶାଳ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଜଗତ୍‌ସିଂହପୁର ଦଳ ଭୁବନେଶ୍ୱର ବୋଲିଂର ସମ୍ମୁଖୀନ ହୋଇ ନ ପାରି ଆତ୍ମସମର୍ପଣ କରିଦେଇଥିଲା। ଦଳର ଇନିଂସ ମାତ୍ର ୧୪୫ ରନ୍‌ରେ ସୀମିତ ରହିଯାଇଥିଲା। ଶୁଭାଶିଷ ଚାନ୍ଦ (୫୦ରନ୍)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ବିଶାଳ କର ୪ ଓଭର ବୋଲିଂ କରି ୫ ଉଇକେଟ ଅକ୍ତିଆର କରି ପ୍ରତିପକ୍ଷ ଦଳର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ସେହିପରି ବ୍ୟାଟିଂରେ ମଧ୍ୟ କମାଲ ଦେଖାଇ ୩୦ ରନ୍ ସଂଗ୍ରହ କରିଥିଲେ। ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ପୁରସ୍କୃତ କରାଯାଇଥିଲା। ବୁଲୁ ପଟ୍ଟନାୟକ ଏବଂ ଆଶିଷ ଆଏଚ ମ୍ୟାଚ୍ ପରିଚାଳନା କରିଥିବାବେଳେ ପ୍ରକାଶ ଆଏଚ୍ ଧାରା ବିବରଣୀ ଦେଇଥିଲେ। ରବିବାର କେନ୍ଦ୍ରାପଡ଼ା ବାଲାବାବା ଏବଂ ଭଦ୍ରକ ଚରମ୍ପା କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ଖେଳାଯିବ।

■ହିନ୍ଦୋଳ ସମିତି ବୈଠକ

# ଜନସାଧାରଣଙ୍କ ନିକଟରେ ପହଞ୍ଚୁଛି ସରକାରୀ ଯୋଜନା




ହିନ୍ଦୋଳ, ୯।୨(ଡି.ଏନ.ଏ.)

ହିନ୍ଦୋଳ ବ୍ଲକ ରାସୋଳ ପଞ୍ଚାୟତ ସାପୁଆରେ ଶନିବାର ପଞ୍ଚାୟତ ସମିତିର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ତଥାଗତ ସତପଥୀ, ସମ୍ମାନିତ ଅତିଥି ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ସଭାନେତ୍ରୀ ମୀନତି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକରେ ବିଭିନ୍ନ କାର୍ଯ୍ୟରେ ହେଉଥିବା ଦୁର୍ନୀତି କମିଛି। ସାଧାରଣ ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚିପାରିଛି। ସମସ୍ତେ ସରକାରୀ ଯୋଜନାରେ ସହାୟତା ପାଇପାରୁଛନ୍ତି ବୋଲି ଏମ୍‌ପି ବକ୍ତବ୍ୟରେ କହିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ବିଧାୟିକା ଉପସ୍ଥିତ ଜନପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷା ଅନସୂୟା ମାହୁନ୍ତ, ବିଡିଓ ହେମନ୍ତ କୁମାର ମହନ୍ତ, ଅତିରିକ୍ତ ବିଡିଓ ତ୍ରିଲୋଚନ ସାହୁ, ଜିପିଇଓ ଜନ୍ମେଜୟ ରାଉତ, ସହକାରୀ ଯନ୍ତ୍ରୀ ଟଙ୍କଧର ସାହୁ, ଲଳିତ ମୋହନ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସରକାରୀ ପଦାଧିକାରୀ ଉପସ୍ଥିତ ଥିଲେ।

■ରାସ୍ତାରେ ମାତିଲେ ଲୁଟେରା

# ପିସ୍ତଲ ଦେଖାଇ ୨ ମହିଳାଙ୍କୁ ଲୁଟିଲେ

ଢେଙ୍କାନାଳ ଅଫିସ, ୯।୨

ଢେଙ୍କାନାଳ ସଦର ଥାନା ଏବଂ ଝାରଗାଡ଼ିଆ ଫାଣ୍ଡି ଅଞ୍ଚଳରେ ଶନିବାର ଲୁଟେରା ଗ୍ୟାଙ୍ଗ ଆତଙ୍କ ସୃଷ୍ଟି କରିଛନ୍ତି। ପଶ୍ଚିମେଶ୍ୱର ମନ୍ଦିର ଏବଂ ଝାରଗାଡ଼ିଆ ଫାଣ୍ଡି ବଳରାମପୁର ରାସ୍ତାରେ ପିସ୍ତଲ ଦେଖାଇ ୨ ମହିଳାଙ୍କଠାରୁ ସୁନାଚେନ୍ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ବଳରାମପୁର ରାସ୍ତାରେ ଅମରଜିତ୍ ନାୟକ ସ୍ତ୍ରୀଙ୍କସହ ବାଇକ୍‌ରେ ଯାଉଥିବାବେଳେ ୩ଜଣ ଯୁବକ ବାଇକ୍‌ରେ ଆସି ଅଟକାଇଥିଲେ। ଦମ୍ପତିଙ୍କୁ ପିସ୍ତଲ ଦେଖାଇ ସ୍ତ୍ରୀଙ୍କଠାରୁ ସୁନାଚେନ୍ ଲୁଟି ନେଇଥିଲେ। ଏ ନେଇ ସଦର ଥାନାରେ ନଂ. ୭୭/୧୯, ଦଫା ୩୯୪, ୨୫ ଓ ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି। ସେହିପରି ଅପରାହ୍ନରେ ଭାପୁର-ଶଙ୍କରପୁର ରାସ୍ତାରେ ଜଣେ ମହିଳା ତାଙ୍କ ମା'ଙ୍କୁ ବସାଇ ସ୍କୁଟିରେ ଯାଉଥିବାବେଳେ ପଶ୍ଚିମେଶ୍ୱର ମନ୍ଦିର ନିକଟରେ ୩ଜଣ ଯୁବକ ବାଇକ୍‌ରେ ଆସି ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି। ସ୍ପଷ୍ଟ ଦିବାଲୋକରେ ଏପରି ଘଟଣା କୋକୁଆ ଭୟ ସୃଷ୍ଟି କରିଛି।


ୟୁକୋ ବ୍ୟାଙ୍କ | ବ୍ରଜରାଜନଗର ଶାଖା
ରେଳ ଷ୍ଟେସନ୍ ସମ୍ମୁଖ, ପୋ : ବ୍ରଜରାଜନଗର
ଜିଲ୍ଲା : ଝାରସୁଗୁଡା - ୭୬୮୨୧୬ (ଓଡିଶା)

**ଦଖଲ ନୋଟିସ**

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା (ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା (ମାନେ) ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଓ ୯ ଅନୁସାରେ କ୍ଷମତାପ୍ରାପ୍ତ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି।

ତେଣୁ ବିଶେଷତଃ ଋଣଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ ଅନୁଯାୟୀ ବକେୟାରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତମାନେ : **ଶ୍ରୀ ଅଶୋକ କୁମର ପ୍ରଧାନ,** ପିତା : ପରମାନନ୍ଦ ପ୍ରଧାନ ଏବଂ **ଶ୍ରୀମତୀ ସତ୍ୟବତୀ ପ୍ରଧାନ,** ସ୍ୱାମୀ: ଶ୍ରୀ ଅଶୋକ କୁମର ପ୍ରଧାନ, ଉଭୟଙ୍କ ଠିକଣା ସା : ନୂଆଡିହି, ପୋ : ଗଣ୍ଡଘୋଡରା, ପୋ: ଗାନ୍ଧିଛକ, ଝାରସୁଗୁଡା, ପିନ୍-୭୬୮୨୧୬ | ୩୦.୦୯.୨୦୧୭ ସୁଦ୍ଧା ଟ.୪,୪୭,୨୧୭.୩୫ + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୨.୦୯.୨୦୧୮ / ୦୪.୦୨.୨୦୧୯ | ଶ୍ରୀ ଅଶୋକ କୁମର ପ୍ରଧାନଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.-୨, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୬୨୧/୬୯୭, ପ୍ଲଟ ନଂ.-୧୦୯/୮୫୪୧, କ୍ଷେତ୍ର: ଏକର୦.୦୭୮ଡିସିମିଲି |
| ଋଣଗ୍ରହୀତା : ମେସର୍ସ ଜୟ ହନୁମାନ ଅଟୋମୋବାଇଲ୍ସ, **ସ୍ୱତ୍ୱାଧିକାରୀ: ଶ୍ରୀ ଗୟା ପ୍ରସାଦ ସାହୁ,** ସା: ଗାନ୍ଧିଛକ, ଜିଲ୍ଲା: ଝାରସୁଗୁଡା, ପିନ୍: ୭୬୮୨୧୬/ **ଜାମିନଦାର: ଶ୍ରୀମତୀ ଡାଳିମ୍ବ ସାହୁ,** ସ୍ୱାମୀ: ଦୀନବନ୍ଧୁ ସାହୁ, ସା: ନୂଆଡିହି, ପୋ:ଗଣ୍ଡଘୋରା, ଜିଲ୍ଲା ଝାରସୁଗୁଡା, ପିନ୍-୭୬୮୨୧୬ | ୩୦.୦୯.୨୦୧୮ ସୁଦ୍ଧା ଟ.୩୭,୨୪,୮୩୪.୭୮ + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୨୧.୧୧.୨୦୧୮ / ୦୪.୦୨.୨୦୧୯ | ଶ୍ରୀ ଗୟା ପ୍ରସାଦ ସାହୁ, ପିତା: ଦୀନବନ୍ଧୁ ସାହୁଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.-୨, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୬୨୧/୭୦୧, ପ୍ଲଟ ନଂ.-୨୧୭୫/୮୫୪୩, କ୍ଷେତ୍ର: ଏକର୦.୦୭୮ଡିସିମିଲି |

ସ୍ଥାନ: ବ୍ରଜରାଜନଗର
ତାରିଖ : ୦୯.୦୨.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ



ଇମ୍ୟୁନିଟି ବଢ଼ାଏ
ସହସ୍ରାଧିକ ରୋଗରୁ ରକ୍ଷାକରେ
JOLLY
ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ
ତୁଳସୀ 51 ଡ୍ରପ୍‌ସ
ଲ୍ୟାବ୍ ପ୍ରମାଣିତ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର
ବାସ୍, ଦୈନିକ ମାତ୍ର 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ...
କେଶ ହାନି
ଚର୍ମରୋଗ
କାଠବ୍ରଣ, ବ୍ରଣ
ଝିମିଝିମି ଲାଗିବା
ତୁଣ୍ଡ ଘା'
କାଲୁଆ ଲାଗିବା
ଏକାଗ୍ରତା ଅଭାବ
ମୁଣ୍ଡ ବୁଲାଇବା


କୋଷ୍ଠକାଠିନ୍ୟ
ପେଟ ଗ୍ୟାସ୍
ଏସିଡିଟି
ବଦହଜମି
ଶ୍ୱାସରୋଗ
କାଶ, କଫ
ଦୁର୍ବଳତା
କ୍ଳାନ୍ତିରେ ପ୍ରଭାବୀ
# As per clinical study report
କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍ସ ସେବନ କରନ୍ତୁ ନାହିଁ, ବାଛନ୍ତୁ କେବଳ ଲ୍ୟାବ୍ ପ୍ରମାଣିତ# ସର୍ବୋତ୍ତମ ବ୍ରାଣ୍ଡ
ଜୋଲି ତୁଳସୀ 51 ଡ୍ରପ୍ସ କିଣିବା ସମୟରେ ଜୋଲିର ଲୋଗୋ JOLLY ନିଶ୍ଚୟ ଦେଖନ୍ତୁ। 95925-27500

## ସଂକ୍ଷେପରେ

### ଗୋଲାପ ଦେଲେ, ସଚେତନ କରାଇଲେ



ଭୁବନ, ୯।୨(ଡି.ଏନ୍.ଏ.): ଭୁବନ ପୋଲିସ ପକ୍ଷରୁ ଶନିବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ୫୩ନଂ. ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାତ୍ରୀଙ୍କୁ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କରାଯାଇଥିଲା। ହେଲମେଟ୍ ପିନ୍ଧିଥିବା ବାଇକ୍ ଆରୋହୀଙ୍କୁ ଗୋଲାପ ଫୁଲ, ଚକୋଲେଟ ଦେଇ ସ୍ୱାଗତ କରାଯାଇଥିଲା। ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ତହସିଲଦାର ଶକ୍ତିକାନ୍ତ ରାୟ, ବାଜି ରାଉତ ସ୍ମୃତି କଲେଜ ଅଧକ୍ଷ କିଶୋର ଚନ୍ଦ୍ର ଦାସ, ଅଧାପକ ପ୍ରଭାତ କୁମାର ଜେନା, ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ, ବାଜି ସେନା ସଭାପତି କମଳ ମହାରଣା, ସାମାଜିକ କର୍ମୀ ଶ୍ରୀଧର ବେହେରା ଏବଂ ବିପିନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଏନ୍ଏସି କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏଥିରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ଏବଂ ବାଜି ରାଉତ ସ୍ମୃତି କଲେଜର ଏନ୍ସିସି ଏବଂ ଗାଇଡ୍ସ କ୍ୟାଡେଟ୍ ସାମିଲ ହୋଇଥିଲେ। କାଳୀ ବଜାରରେ ଆୟୋଜିତ ସଚେତନତା ସଭାରେ ଟ୍ରାଫିକ ନିୟମ, ରାସ୍ତାରେ ଯାତାୟାତ ସମୟରେ ସୁରକ୍ଷା ପ୍ରତି ଧ୍ୟାନଦେବା, ହେଲମେଟ, ସିଟ୍‌ବେଲ୍ଟ ବ୍ୟବହାର, ଜୀବନବୀମା କରାଇବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଅଞ୍ଚଳବାସୀ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଯୋଗଦେଇଥିଲେ।

### ପ୍ରାଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଓଡ଼ାପଡ଼ା, ୯।୨(ଡି.ଏନ.ଏ.): ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଓପିଏସ୍ ମହାବିଦ୍ୟାଳୟର ପୂର୍ବତନ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରାଧ୍ୟାପକ ବିଦ୍ୟାଧର ବରାହଙ୍କୁ ଶୁକ୍ରବାର ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ ଗୁରୁଚରଣ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁର୍ଗାମାଧବ ପୃଷ୍ଟି ଯୋଗଦେଇଥିଲେ। ଦୀର୍ଘ ୩ଦଶନ୍ଧି ଧରି ବିଦ୍ୟାଧର ଅଧାପନା ବୃତ୍ତି ସହ ଜଡ଼ିତ ରହି ଛାତ୍ରୀଛାତ୍ରଙ୍କ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି। ଜଣେ ଛାତ୍ରବତ୍ସଳ ଅଧାପକ ଭାବେ ତାଙ୍କର ସୁନାମ ରହିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାଧାପିକା ଡ. ସୁଚେତା ମିଶ୍ର, ଗାୟତ୍ରୀ ଦେବୀ, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ବିଦାୟୀ ପ୍ରାଧାପକଙ୍କ ନିରାମୟ ଜୀବନ କାମନା କରିଥିଲେ। ଅଧାପକ ଡ. ଦେବାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

■ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦ

# ୧୨ରେ ଭାଜପାର ଢେଙ୍କାନାଳ ବନ୍ଦ ଡାକରା

ଢେଙ୍କାନାଳ ଅଫିସ, ୯।୨



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଆସନ୍ତା ୧୨ ତାରିଖରେ ଢେଙ୍କାନାଳ ବନ୍ଦ ଡାକରା ଦେଇଛି ଭାଜପା। ଏ ନେଇ ସ୍ଥାନୀୟ କାଞ୍ଚନବଜାରସ୍ଥିତ ନଗରମଣ୍ଡଳ କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଉପସ୍ଥିତ ରହି ବନ୍ଦ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଏହି ଅବସରରେ ସେ କହିଲେ, ଆନୁଷଙ୍ଗିକ ବ୍ୟବସ୍ଥା ନ ଥାଇ ତରବରିଆ ଭାବେ ବାଜିଚୌକଠାରୁ ଦକ୍ଷିଣକାଳୀ ରୋଡ୍ ଅଞ୍ଚଳକୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ନୂତନ ଜିଲା ଚିକିତ୍ସାଳୟରେ ଡାକ୍ତର ଅଭାବ ସମସ୍ୟା ଲାଗି ରହିଛି। ଟେକ୍ନିସିଆନ ଅଭାବରୁ ଅତ୍ୟାଧୁନିକ ପରୀକ୍ଷା ମେଶିନ ଖତ ଖାଉଛି। ଅଧିକାଂଶ ଗୁରୁତର ରୋଗୀଙ୍କୁ କଟକ ସ୍ଥାନାନ୍ତର କରି ଦିଆଯାଉଛି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁଫଳ ମିଳୁନାହିଁ। ଯୋରନ୍ଦା, ଭାପୁର, ଶଙ୍କରପୁର, ବେଲଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟାର ସମାଧାନ କରାଯାଉନାହିଁ। ଏହାର ପ୍ରତିବାଦରେ ଆସନ୍ତା ୧୨ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଢେଙ୍କାନାଳ ବନ୍ଦ ଡାକରା ଦିଆଯାଇଛି। ରାସ୍ତାଘାଟ, ବ୍ୟାଙ୍କ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବନ୍ଦ କରାଯାଇ ଆନ୍ଦୋଳନକୁ ସଫଳ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆୟୁଷ୍ମାନ ଯୋଜନାକୁ ରାଜ୍ୟ ସରକାର ତୁରନ୍ତ ଲାଗୁ କରିବା, ବାଜିଚୌକସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲରେ ପରିଣତ କରିବା, ସେଠାରେ ଆବଶ୍ୟକ ଡାକ୍ତର ଏବଂ କର୍ମଚାରୀ ନିଯୁକ୍ତି କରିବା, ଜିଲା ଚିକିତ୍ସାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

ଖବରଦାତା ସମ୍ମିଳନୀରେ ଉପସଭାପତି ନବକିଶୋର ଗୁରୁ, କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ନଗରମଣ୍ଡଳ ସଭାପତି ନିରୋଦ କୁମାର ସାହୁ, ସାଧାରଣ ସମ୍ପାଦକ ଧ୍ରୁବଚରଣ ସ୍ୱାଇଁ, ଉପସଭାପତି ଅରବିନ୍ଦ ପାଣ୍ଡେ, ଅଜୟ କୁମାର ଭଞ୍ଜ, ସନ୍ତୋଷ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

■୨୦ରୁ ସର୍ବଭାରତୀୟ ସାଇଭକ୍ତ ସମ୍ମିଳନୀ

## ଆୟୋଜିତ ହେବ ଅତିରୁଦ୍ର ମହାଯଜ୍ଞ

ଢେଙ୍କାନାଳ ଅଫିସ, ୯।୨

ଢେଙ୍କାନାଳର କପିଳାସ ନିକଟ ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମରେ ଆସନ୍ତା ଫେବୃୟାରୀ ୨୦ରୁ ୩ଦିନ ଧରି ସର୍ବଭାରତୀୟ ସାଇଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ସାଇପ୍ରେମୀଙ୍କ ସମାଗମ ହେବ। ଆଶ୍ରମ ପରିସରରେ ସାଇନାଥ ମହାରାଜ, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର, ଦାରୁବ୍ରହ୍ମ ପୀଠ, କଳ୍ପବୃକ୍ଷ, ବଟଗଣେଶ, ଶ୍ରୀହନୁମାନଜୀଉଙ୍କ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସମ୍ମିଳନୀର ଅନ୍ୟତମ ଆକର୍ଷଣ ହେଉଛି ଅତିରୁଦ୍ର ମହାଯଜ୍ଞ। ପୁରୀ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ଏହି ଯଜ୍ଞ ୧୯ ତାରିଖରୁ ଆରମ୍ଭ ହୋଇ ୨୨ ତାରିଖରେ ପୂର୍ଣ୍ଣାହୁତି ହେବ। ୨୧ ତାରିଖରେ ନାମଜପ, ପାରାୟଣ, ବିଷ୍ଣୁ ସହସ୍ରନାମ ଏବଂ ସାଇ ସତଚରିତ ପାଠ କରାଯିବ। ଆଶ୍ରମର ଅଧ୍ୟକ୍ଷ ଦ୍ୱାରିକା ମୋହନ ମିଶ୍ରଙ୍କ ସଭାପତିତ୍ୱରେ ଆଧ୍ୟାତ୍ମିକ ସତ୍ସଙ୍ଗ ଅନୁଷ୍ଠିତ ହେବ ବୋଲି ପ୍ରସ୍ତୁତି କମିଟିରେ ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ଅପରାହ୍ନରେ ନର୍ମଦା ନଦୀରୁ ଅଣାଯାଇଥିବା ୧ଲକ୍ଷ ୮ହଜାର ପବିତ୍ର ବାଣ ଲିଙ୍ଗକୁ ଭକ୍ତମାନେ ଅଭିଷେକ କରିବା ସହିତ ଜ୍ୟୋତିର୍ଲିଙ୍ଗ ନିକଟରେ ସମର୍ପଣ କରିବେ। ଏହି କାର୍ଯ୍ୟରେ ସାମିଲ ହେବାକୁ ଇଚ୍ଛୁକ ଭକ୍ତଙ୍କୁ ଆଶ୍ରମ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ଜାତୀୟସ୍ତରୀୟ ଉକ୍ତ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ଚଳଚଞ୍ଚଳ ହୋଇଉଠିଛି ଦତ୍ତାତ୍ରେୟ ସାଇ ଆଶ୍ରମ। ସମ୍ମିଳନୀକୁ ସଫଳ କରିବାକୁ ଡ. ପ୍ରସନ୍ନ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜକ କମିଟି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିତେନ୍ଦ୍ର କୁମାର ପଟ୍ଟନାୟକ, ଡ. ମଞ୍ଜୁ, ପ୍ରଫେସର ପ୍ରତାପ କୁମାର ସିଂ, ଆଇନଜୀବୀ ପ୍ରମୋଦ ଦାସ, ଗୋପାଳ ଚନ୍ଦ୍ର ପାତ୍ର, ସାହିତ୍ୟିକ ଡ. ଜ୍ଞାନଗୁରୁ ଦାସ, ବିଜୟ କୁମାର ମିଶ୍ରଙ୍କ ସମେତ ୩୭ଜଣ ଆବାହକ ଉପସ୍ଥିତ ରହି ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ସମ୍ମିଳନୀରେ ଯୋଗଦେବାକୁ ଆସୁଥିବା ଭକ୍ତମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ଶ୍ରୀସାଇନାଥଙ୍କୁ ଦର୍ଶନ କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ଅବସରରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଆଶ୍ରମ ପରିସରରେ ଏକ ଦାତବ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକାରୀ ଅଧିକାରୀ ସୁବ୍ରତ କୁମାର ମହାନ୍ତି ପୂର୍ବ ବୈଠକର ବିବରଣୀ ଆଗତ କରିଥିଲେ। ସାଧାରଣ ପରିଚାଳକ ଅକ୍ଷୟ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

■ନିଶା ବିରୋଧୀଙ୍କୁ ଦମନର ପ୍ରତିବାଦ

## ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ତଳେ ନୀରବ ଧାରଣା



ଅନ୍ୟାୟ ଗିରଫଦାରି ପ୍ରତିବାଦରେ ଧାରଣା।

ଢେଙ୍କାନାଳ ଅଫିସ, ୯।୨

ନିଶା ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିବା ଆନ୍ଦୋଳନକାରୀଙ୍କୁ ଅନ୍ୟାୟ ଭାବେ ଗିରଫଦାରିକୁ ତୀବ୍ର ନିନ୍ଦା କରିଛି ମିଳିତ ଓଡ଼ିଶା ନିଶା ନିବାରଣ ସମିତି। ଏହାର ପ୍ରତିବାଦରେ ସମିତି କର୍ମକର୍ତ୍ତା ଏବଂ ଏହାର ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଶନିବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ତଳେ ନୀରବ ଧାରଣା ଦିଆଯାଇଥିଲା।

ଫେବୃୟାରୀ ୭ରେ ଭୁବନେଶ୍ୱରକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ପଦଯାତ୍ରାରେ ଆସିଥିବା ମଦ ବିରୋଧୀ ଆନ୍ଦୋଳନକାରୀଙ୍କୁ ବେଆଇନ ଭାବେ ପୋଲିସ ଦମନ କରିଛି। ସବୁ ସୀମା ଲଂଘି ବ୍ୟାପକ ଗିରଫଦାରି କରାଯାଇଛି। ସେମାନଙ୍କ ବିରୋଧରେ ଅପ୍ରାସଙ୍ଗିକ ଦଫା ଲଗାଯାଇଛି। ଏଭଳି ଅମୂଳକ ଫୌଜଦାରି ଦଫା ଏବଂ ମାମଲାକୁ ପ୍ରତ୍ୟାହାର କରିବା ସହ ତୁରନ୍ତ ନିଶା ନିବାରଣ ଆଇନ-୧୯୫୬ ଲାଗୁ କରିବାକୁ ନିଶା କର୍ମକର୍ତ୍ତାମାନେ ଦାବି କରିଥିଲେ।

ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ବରିଷ୍ଠ କର୍ମକର୍ତ୍ତା ପ୍ରଶାନ୍ତ ମିଶ୍ର, ସର୍ବୋଦୟ କର୍ମୀ ଅନ୍ତର୍ଯାମୀ ବରାଳ, ମିଳିତ ନିଶା ନିବାରଣ ସମିତି ଜିଲା ସମ୍ପାଦକ ସରୋଜ କୁମାର ଶତପଥୀ, ସାମାଜିକ କର୍ମୀ ସ୍ମିତା ସାମଲ, ବନିତା ସାମଲ, ଆପ୍‌ର ପଙ୍କଜ ନାୟକ, ରାଜୀବ କର, ଚକ୍ରଧର ତରାଇ, ଅନ୍ତର୍ଯାମୀ ରଥ, ବାସନ୍ତୀ ସାହୁ, ଶୁଭମ୍ ପଣ୍ଡା ପ୍ରମୁଖ ପ୍ରତିବାଦରେ ସାମିଲ ହୋଇଥିଲେ।

### ମେଲୋଡି ଗାୟିକାଙ୍କ ଆତ୍ମହତ୍ୟା

ଧାମନଗର, ୯।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ପଦ୍ମପୋଖରୀ ଗ୍ରାମର ମେଲୋଡ଼ି ଗାୟିକା ପ୍ରଭାତୀ ଜେନା(୨୨) ଆତ୍ମହତ୍ୟା କରିଛନ୍ତି। ଶନିବାର ସକାଳେ ଝୁଲନ୍ତା ଅବସ୍ଥାରେ ପୋଲିସ ତାଙ୍କ ମୃତଦେହ ଘରୁ ଉଦ୍ଧାର କରିଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ସକାଳେ ପ୍ରଭାତୀ ତାଙ୍କ ଭାଇଙ୍କୁ ଅନ୍ୟ କୋଠରିକୁ ପାଠ ପଢ଼ିବା ପାଇଁ ପଠାଇ ଦେଇ ନିଜ ଓଢ଼ଣୀ ବେକରେ ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ମୃତ୍ୟୁ ପୂର୍ବରୁ ଏକ ସୁଇସାଇଡ ନୋଟରେ ମୃତଦେହକୁ ନ ପୋଡ଼ି ପୋତି ଦେବାକୁ ଅନୁରୋଧ କରିଛନ୍ତି। ଏଥିସହ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ସେଥିରେ ଲେଖା ରହିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ସେ ତାଙ୍କ ମୋବାଇଲରୁ ସମସ୍ତ କଲ୍ ରେକର୍ଡ ଓ ହ୍ୱାଟସଆପ୍ ଚାଟିଂ ଡିଲିଟ କରି ଦେଇଥିବା ତଦନ୍ତ ବେଳେ ଜଣାପଡ଼ିଛି। ଧାମନଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

■ସିମିନଇ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

## ଚରିତ୍ରବାନ୍ ହେବାକୁ ପରାମର୍ଶ



ବାର୍ଷିକ ପତ୍ରିକା 'ପ୍ରଜ୍ଞାଶ୍ରୀ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୯।୨

ସତ୍ୟ, ଅହିଂସା, ଅଧ୍ୟବସାୟ ଶିକ୍ଷାର୍ଥୀ ଜୀବନର ଅମୂଲ୍ୟ ରତ୍ନ। ଘଡ଼ି ମଣିଷକୁ ସବୁବେଳେ ସଜାଗ କରିଥାଏ। ସେହିପରି ଛାତ୍ରୀଛାତ୍ରମାନେ ମୁହଁରୁ ବାହାରୁଥିବା ପ୍ରତ୍ୟେକଟି କଥା ଏବଂ ଚରିତ୍ରଗଠନ ଦିଗରେ ସଜାଗ ହେବା ଜରୁରୀ। ଚରିତ୍ରବାନ ହେଲେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସଫଳତାର ଶିଖର ଛୁଇଁହେବ ବୋଲି କହିଛନ୍ତି ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ମାତୃପ୍ରସାଦ ମିଶ୍ର। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇସ୍ଥିତ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ ଏପରି ବକ୍ତବ୍ୟ ରଖିଥିଲେ।

କଲେଜ ଅଧକ୍ଷ ଧରଣୀଧର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଯୋଗଦେଇ ଭଲ ମଣିଷ ହୋଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଶଶାଙ୍କ ଶେଖର ରଥ, ପ୍ରାକ୍ତନ ସଭାପତି କୈଳାସ ଚନ୍ଦ୍ର ରାଉତ, ନିରାକାର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଡ. ଜ୍ଞାନେନ୍ଦ୍ର କୁମାର ଦାସଙ୍କ ସମ୍ପାଦନାରେ ମହାବିଦ୍ୟାଳୟର ବାର୍ଷିକ ପତ୍ରିକା 'ପ୍ରଜ୍ଞାଶ୍ରୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୁଷ୍ପା କୁମାରୀ ଥାପ୍ପା, ପ୍ରତୀକ କୁମାର ରାଉତଙ୍କୁ ଯଥାକ୍ରମେ ଶ୍ରେଷ୍ଠ ଛାତ୍ରୀଛାତ୍ର ଭାବେ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମଧ୍ୟ ପୁରସ୍କୃତ ହୋଇଥିଲେ।

ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧାପକ ଶଶଧର ସାହୁ, ଧରଣୀଧର ସେଠୀ, ସୁଜିତ ସାମଲ, ଅନିଲ ପଣ୍ଡା, ସୁରେନ୍ଦ୍ର ପରିଡ଼ା, ବିରଞ୍ଚି ନାରାୟଣ ପୃଷ୍ଟି, କିଶୋର ଚନ୍ଦ୍ର ନନ୍ଦଙ୍କ ସମେତ ସମସ୍ତ ଅଧାପିକାଅଧାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ବାରିହାପୁର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଖଣ୍ଡୁଆଳମୁଣ୍ଡାକୁ ହରାଇ ଲୋଧଣୀ ଚାମ୍ପିୟନ

ପରଜଙ୍ଗ, ୯।୨(ଡି.ଏନ୍.ଏ.)



ପରଜଙ୍ଗ ବ୍ଲକ ବାରିହାପୁର ପଞ୍ଚାୟତସ୍ଥିତ ବାବା ଗୋବିନ୍ଦ ଦାସ ଖେଳପଡ଼ିଆରେ ଜାନୁୟାରୀ ୩୧ରୁ ଚାଲିଥିବା ବାରିହାପୁର କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଖଣ୍ଡୁଆଳମୁଣ୍ଡାର ଅଲ୍ ଇଜ୍ ୱେଲକୁ ହରାଇ ଟାଇଟଲ ହାତେଇଛି ଲୋଧଣୀର ବାହୁବଳୀ କ୍ରିକେଟ ଟିମ୍।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲୋଧଣୀ ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରିଥିଲା ୧୬୭ ରନ୍। ଜବାବରେ ଖଣ୍ଡୁଆଳମୁଣ୍ଡା ସମାନ ଓଭରରେ ୫ ଉଇକେଟ ହରାଇ ମାତ୍ର ୧୦୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଚାମ୍ପିୟନ ଦଳର ରୋଶନ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବାପୁନ ଶ୍ରେଷ୍ଠ ବୋଲର, ରନର୍ସଅପ୍ ଟିମ୍‌ର ପ୍ରବୋଧ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ ହୋଇଥିଲେ। ନରେନ୍ଦ୍ର ବିଶ୍ୱାଳ, ରଞ୍ଜନ ସାହୁ ମ୍ୟାଚ ପରିଚାଳନା କରିଥିବାବେଳେ ସୌମ୍ୟରଞ୍ଜନ ଦେହୁରୀ ଧାରାବିବରଣୀ ଦେଇଥିଲେ। ସେହିପରି ଜିତେନ୍ଦ୍ର ବିଶ୍ୱାଳ, ଦିବ୍ୟରଞ୍ଜନ ସାହୁ ସ୍କୋରର ରହିଥିଲେ।

ଉଦ୍‌ଯାପନୀ ସମାରୋହରେ ସରପଞ୍ଚ ଦୁଷ୍ମନ୍ତ ନାଏକ, କୈଳାସ ସାହୁ, ଅକ୍ଷୟ ବିଶ୍ୱାଳ, ଦିଲୀପ ସାହୁ, ପବିତ୍ର ମୋହନ ସାହୁ, ଅରୁଣ ସାହୁ, ଦୁଷ୍ମନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ଟ୍ରଫି ସହ ୧୧,୧୧୧ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୬,୬୬୬ ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ବବଲୁ, ସୁନୀଲ, ସୁଜିତ୍, ଅକ୍ଷୟ, ଅନିଲ, ବାପୁନ, କାଳିଆ, ପ୍ରକାଶ ପ୍ରମୁଖ ସହଯୋଗ କରିଥିଲେ। ବ୍ୟାଣ୍ଡପାର୍ଟି ସହ ଚିୟର ଗର୍ଲ ଡ୍ୟାନ୍ସ ଫାଇନାଲ ମ୍ୟାଚକୁ ଅଧିକ ରୋମାଞ୍ଚକର କରିଥିଲା। ହଜାର ହଜାର କ୍ରୀଡ଼ାପ୍ରେମୀ ଏହାର ମଜା ନେଇଥିଲେ।

### ପଞ୍ଚଲିଙ୍ଗେଶ୍ୱର ପୀଠରୁ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

ସଜନାଗଡ଼, ୯।୨(ଡି.ଏନ.ଏ.)

ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଉପରେ ଥିବା ବଡ଼ମ୍ମା ଠାକୁରାଣୀଙ୍କ ପୀଠରୁ ଅନତି ଦୂରରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଶନିବାର ଅପରାହ୍ନରେ ପୋଲିସ ଉଦ୍ଧାର କରିଛି। କେତେଜଣ ପର୍ଯ୍ୟଟକ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଦର୍ଶନ ସାରି ବଡ଼ମ୍ମା ଠାକୁରାଣୀ ପୀଠକୁ ବୁଲିବାକୁ ଯାଇଥିଲେ। ଅପରାହ୍ନ ୧ଟାରେ ଚାଦର ଘୋଡ଼ାଯାଇଥିବା ଅବସ୍ଥାରେ ଉକ୍ତ ମୃତଦେହକୁ ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳ ଲୋକାରଣ୍ୟ ହୋଇଉଠିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ଛାନ୍‌ଭିନ୍ କରିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

## ସଡ଼କ ସୁରକ୍ଷା ସଚେତନତା



ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଢେଙ୍କାନାଳ ଅଫିସ, ୯।୨

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କେ.ପି. ହାଇସ୍କୁଲ ପକ୍ଷରୁ ଶନିବାର ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କାଉଟ୍ସ, ଗାଇଡ୍ସ, ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଓ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

ପ୍ରତୀକାତ୍ମକ ଭାବେ ଦୁଇଜଣ ଛାତ୍ର ହେଲମେଟ୍ ପିନ୍ଧି ପଥଚାରୀଙ୍କୁ ସଚେତନ କରାଇଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ ପତି, ଶିକ୍ଷକ ଭ୍ରମରବର ପ୍ରଧାନ, ସଦାନନ୍ଦ ଭୋଳ, ଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ନନ୍ଦ, ବିଦ୍ୟୁତ୍‌ପ୍ରଭା ଶତପଥୀ, ସ୍କାଉଟ୍ସ ମାଷ୍ଟର ନରେଶ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

■ଆଇନଜୀବୀ ସଂଘର ନୂତନ କର୍ମକର୍ତ୍ତା

### ଭବାନୀ ଶଙ୍କର ଯୁଗ୍ମ ସମ୍ପାଦକ



ଅନୁଗୋଳ ଅଫିସ, ୯।୨- ଖୋର୍ଦ୍ଧା ଜିଲା ଡାକବଙ୍ଗଳା ଠାରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ପ୍ରଥମ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶାର ବିଭିନ୍ନ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଯୁଗ୍ମ ସମ୍ପାଦକ ଭାବେ ଅନୁଗୋଳ ଓକିଲ ସଂଘର ସଭ୍ୟ ଭବାନୀ ଶଙ୍କର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ପୂର୍ବତନ ସଭାପତି ଶିଶିର କୁମାର ପାଢ଼ୀ, ନିରଞ୍ଜନ ନାଏକ, ପୀତବାସ ପଣ୍ଡା ଓ ଖୋର୍ଦ୍ଧା ଓକିଲ ସଂଘ ସଭାପତି ପ୍ରଭାତ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ଦ୍ୱିତୀୟ ଆନୁଷ୍ଠାନିକ ବୈଠକ ଆସନ୍ତା ଜୁଲାଇରେ ବାରିପଦାଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ସଭାପତି ବିଚିତ୍ରା ବଡ଼ଜେନା, ସମ୍ପାଦକ ସତ୍ୟଜିତ୍ ସାହୁ, ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭ୍ୟଙ୍କ ସମେତ ବହୁ ଆଇନଜୀବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନିଷ୍ଠାର ସହ କାମ କରିବାକୁ ଆହ୍ୱାନ

ଅନୁଗୋଳ ଅଫିସ, ୯।୨- ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଦାମୋଦର ଦାସଙ୍କ ସଭାପତିତ୍ୱରେ ବିଜେଡି ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଶିଷ କୁମାର ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମମତା ସାହୁ, ସମିତି ସଭ୍ୟା ଅଞ୍ଜଳି ଦେହୁରୀ, ପୂର୍ଣ୍ଣଚନ୍ଦ୍ର ସିଂସାମନ୍ତ ଉପସ୍ଥିତ ଥିଲେ। କର୍ମୀମାନେ ନିଷ୍ଠାର ସହିତ କାମ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବୀରେନ ଦାସ, ଅଶୋକ କୁମାର ସିଂ, ତେତ୍ରାନନ୍ଦ ସାମନ୍ତ, ସମ୍ବିତ ସାମନ୍ତ, ଅକ୍ଷୟ ସାମନ୍ତ, ଭୋଳେଶ୍ୱର ଦାସ, ନାରାୟଣ ମହାପାତ୍ର, ଅନିଲ ବେହେରା, ପ୍ରମୋଦ ଦାସ, ଭାସ୍କର ମହାନ୍ତି, ନିର ସାହୁ, ପ୍ରକାଶ ଦେହୁରୀଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ




ଅନୁଗୋଳ ଅଫିସ, ୯।୨- ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଶିଶୁ ବାଟିକା ବିଭାଗର ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ପବିତ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁଙ୍କ ଷୋଡ଼ଶ ସଂସ୍କାର ସମ୍ବନ୍ଧରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ଅତିଥି ପରିଚୟ ଦେଇଥିଲେ। ବିଦ୍ୟୁଲତା ମିଶ୍ର ସହଯୋଗ କରିଥିଲେ। ଶେଷରେ ବାଟିକା ବିଭାଗର ଗୁରୁମା, ଗୁରୁଜୀମାନଙ୍କ ଦ୍ୱାରା କୁନୁ ହାତୀର ଜନ୍ମଦିନ ଶୀର୍ଷକ ଏକ କଣ୍ଢେଇ ନାଚ ପରିବେଷଣ କରାଯାଇଥିଲା।

### ବିରୋଧ ଯୋଗୁ ଖେଳ ବନ୍ଦ

ଛେଣ୍ଡିପଦା,୯।୨(ସ୍ୱ.ପ୍ର.)- ଅନୁଗୋଳ କ୍ରୀଡ଼ା ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ଛେଣ୍ଡିପଦା ଉଚ୍ଚବିଦ୍ୟାଳୟ ପରିସରରେ ଆଞ୍ଚଳିକସ୍ତରୀୟ ଏକ ଦିନିକିଆ ଭଲିବଲ ଟୁର୍ନାମେଣ୍ଟ ଛେଣ୍ଡିପଦା ଉଚ୍ଚବିଦ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିଲା। ଏଥିରେ ଓଏମସି (ଓଡ଼ିଶା ମାଇନିଂ କର୍ପୋରେଶନ)କର୍ତ୍ତୃପକ୍ଷ ସହାୟତା କରିଥିବା ଜଣାପଡିଥିଲା। ଛେଣ୍ଡିପଦାରେ ଓଏମ୍‌ସି ଜମି ଅଧିଗ୍ରହଣକୁ ଅଞ୍ଚଳବାସୀ ବିରୋଧ କରୁଥିବାରୁ ଉଦ୍‌ଘାଟନୀ ଉତ୍ସବରେ ଓଏମସିର କର୍ମଚାରୀ ଯୋଗ ଦେଇଥିବା ଜଣାପଡିବା ପରେ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ଏଥିଯୋଗୁ ବିଦ୍ୟାଳୟ ପକ୍ଷରୁ ଖେଳକୁ ବନ୍ଦ କରି ଦିଆଯାଇଥିଲା। ଖେଳରେ ସ୍ଥାନୀୟ ଅଞ୍ଚଳର ୬ଟି ଦଳ ଅଂଶଗ୍ରହଣ କରିବାକୁ ସ୍ଥିର ହୋଇଥଲା।

■ପୁଣି ଚର୍ଚ୍ଚାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ

# ମିଳିନି ଅଗ୍ନି ନିରାପତ୍ତା ପ୍ରମାଣପତ୍ର

ଅନୁଗୋଳ ଅଫିସ, ୯।୨

ରାଜ୍ୟରେ ବିଭିନ୍ନ ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟିବା ପରେ ସମସ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ଜାରି ହୋଇଥିଲା ନିର୍ଦ୍ଦେଶନାମା। ବାରମ୍ବାର ଏଭଳି ଦୁର୍ଘଟଣା ପରେ ସରକାରୀ ସ୍ତରରେ ଏହି ନିୟମ ଲାଗୁ କରାଯାଇଥିଲେ ହେଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶିଳ୍ପସମୃଦ୍ଧ ଜିଲାର ସ୍ୱାସ୍ଥ୍ୟ ସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା ଏହି ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରମାଣ ପତ୍ର ନ ଥିବା ଜଣାପଡିଛି। ଡାକ୍ତରଖାନାରେ ଏପରି ଅବ୍ୟବସ୍ଥା ପୁଣି ଥରେ ମେଡିକାଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତିକୁ ପଦାରେ ପକାଇଛି।

୬ ମହଲା ଅଟ୍ଟାଳିକା ବିଶିଷ୍ଟ ଏହି ମେଡିକାଲରେ ନବନିର୍ମିତ ପ୍ରସୂତି ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗର ଅଟ୍ଟାଳିକା ସମେତ ଅନ୍ୟ ବିଭାଗଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭିଲା ଛାଡି ଦେଇଛନ୍ତି କର୍ତ୍ତୃପକ୍ଷ। ନିଆଁ ଲିଭାଇବା ପାଇଁ ପାଇପ, ପାଣି ଛିଞ୍ଚନ କରୁଥିବା ସ୍ପ୍ରିଙ୍କଲର ମଧ ଲାଗିଛି। ହେଲେ ଏହା କାର୍ଯ୍ୟ କରୁଛି କି ତାହା ଆଜି ପର୍ଯ୍ୟନ୍ତ ପରୀକ୍ଷା କରାଯାଇ ନ ଥିବା ଅନୁଗୋଳ ଅଗ୍ନିଶମ ବିଭାଗ ଅଧିକାରୀ ସର୍ବେଶ୍ୱର ବରାଳ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ମେଡିକାଲର ଅଟ୍ଟାଳିକା ନିର୍ମାଣରେ ନିୟମ ଉଲ୍ଲଘନ କରାଯାଇଛି। ମେଡିକାଲ ଅଗ୍ନି ନିରାପତ୍ତା ପାଇଁ ଫର୍ମ-୩ ସାର୍ଟିଫିକେଟ ନାହିଁ। କର୍ତ୍ତୃପକ୍ଷ ମକ ଡ୍ରିଲ ପାଇଁ ଚିଠି ଦେଇ ବସିଯାଉଛନ୍ତି। ଏପରି କି ୩ ଟି ପାଣି ମୋଟର ମଧ ଲଗାଯାଇଛି। ହେଲେ ପାଣିର ଗତି ୬ ମହଲା ଉପରକୁ ଯାଉଛି କି ନାହିଁ, ତାହା ମଧ ପରୀକ୍ଷା ହୋଇନାହିଁ। ସେହିପରି ମେଡିକାଲର କାନ୍ଥରେ ଲାଗିଥିବା ଅଗ୍ନି ନିର୍ବାପକ ସିଲିଣ୍ଡର ବ୍ୟବହାରର ସମୟ ଅବଧି ଶେଷ ହୋଇଯାଇଛି। ଏ ନେଇ ପୂର୍ବରୁ ମେଡିକାଲ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲେ କୌଣସି ପଦକ୍ଷେପ ନିଆଯାଇନାହିଁ।

ଏ ସମ୍ପର୍କରେ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି କହିଛନ୍ତି, ତାଙ୍କ ନଜରକୁ ଏ କଥା ଆସିନାହିଁ। ଯଦି ସିଲିଣ୍ଡରର ସମୟସୀମା ଚାଲିଯାଇଥିବ, ତୁରନ୍ତ ବଦଳାଯିବ। ଅଗ୍ନି ନିରାପତ୍ତା ପ୍ରମାଣପତ୍ର ମିଳିବା କଷ୍ଟକର ହୋଇପଡିଛି। କେବଳ ଅନୁଗୋଳ ନୁହେଁ। ରାଜ୍ୟର ବିଭିନ୍ନ ସ୍ଥାନରେ ଏହା ମିଳିନାହିଁ। ଅଗ୍ନିଶମ ବିଭାଗ ପକ୍ଷରୁ ଯେଉଁ ଭିତ୍ତିଭୂମି ରଖିଛନ୍ତି ତାକୁ ପୂରଣ କରିବା କାଠିକର ପାଠ। ତେଣୁ ସାର୍ଟିଫିକେଟ ମିଳୁନାହିଁ ବୋଲି ଡା. ମହାନ୍ତି କହିଛନ୍ତି। ଏ ନେଇ କ'ଣ କରିହେବ ସେ ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।




ବ୍ୟବହାର ଅବଧି ସରିଯାଇଥିବା ସିଲିଣ୍ଡର। ଜିଲା ମୁଖ୍ୟ ଚିକିତ୍ସାଳୟ।

■ସରିଗଲାଣି ସିଲିଣ୍ଡର ବ୍ୟବହାର ଅବଧି

■କର୍ତ୍ତୃପକ୍ଷଙ୍କ ନିକଟରେ ସୂଚନା ନାହିଁ

## ନୋଟାରେ ଭୋଟ ନଷ୍ଟ ନ କରିବାକୁ ପରାମର୍ଶ




ଜିଲା ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

ଅନୁଗୋଳ ଅଫିସ, ୯।୨

ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ (ଏବିଭିପି) ଅନୁଗୋଳ ଶାଖା ପକ୍ଷରୁ ସ୍ଥାନୀୟ ମାରୱାଡ଼ି ଧର୍ମଶାଳାଠାରେ ଶନିବାର ଭାରତ ଗୌରବ ଯାତ୍ରାର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାର୍ଥି ପରିଷଦର ପୂର୍ବତନ ରାଜ୍ୟ ସଭାପତି ଡା. ଦିଲୀପ ଦାସ ଯୋଗଦେଇ ଏବିଭିପିର ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସମ୍ପାଦକ ଶ୍ରୀମାନ ମିଶ୍ର ଯୋଗଦେଇ କହିଲେ, ଦେଶରେ ଏକ ବିକାଶିତ ଓ ରାଷ୍ଟ୍ରବାଦ ସରକାର ଅଛି। ଭାରତ ଏକ ଯୁବଶକ୍ତିର ଦେଶ। ତେଣୁ ଯୁବକମାନେ ଦେଶର ସୁରକ୍ଷା ପାଇଁ ଆଗେଇ ଆସିବା ଦରକାର। ତେଣୁ ନୋଟାରେ ଭୋଟ ନଷ୍ଟ ନ କରି ଯୁବକମାନେ ସକାରାତ୍ମକ ବାତାବରଣ ସହିତ ଶତ ପ୍ରତିଶତ ମତଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରୀତମ ମହାନ୍ତି ଯୋଗ ଦେଇଥିଲେ। ବ୍ଲକ ସଂଯୋଜକ ଭିକୁନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗ ସଂଯୋଗ ଗୁଲସନ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ ପାଲଲହଡ଼ା, କଣିହାଁ, ତାଳଚେର, କିଶୋରନଗର, ବନ୍ତଳା ବ୍ଲକରୁ ବହୁ ସଂଖ୍ୟାରେ ବିଦ୍ୟାର୍ଥି ଯୋଗ ଦେଇଥିଲେ। ସତ୍ୟବ୍ରତ ବିଶ୍ୱାଳ, ସୌମ୍ୟରଞ୍ଜନ ଧଳ, ରାହୁଲ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ନିଶାଠାରୁ ଦୂରେଇ ରୁହନ୍ତୁ ଗାଡ଼ି ଚାଳକ



ସଡ଼କ ସୁରକ୍ଷା ରଥକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ବଇଣ୍ଡା,୯।୨(ଡି.ଏନ.ଏ.)

ବିପର୍ଯ୍ୟସ୍ତ ରାସ୍ତା ସହ ନିଶା ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ଚାଳକମାନେ ମଦ୍ୟପାନ କରି ଗାଡ଼ି ଚଲାଉଥିବାରୁ ଦୁର୍ଘଟଣାମାନ ଘଟୁଛି। ତେଣୁ ଏଥିପ୍ରତି ସମସ୍ତେ ସଚେତନ ହେବାସହ ନିଶାଠାରୁ ଗାଡିଚାଳକମାନେ ଦୂରେଇ ରୁହନ୍ତୁ ବୋଲି ଶନିବାର କିଶୋରନଗର ବ୍ଲକ ବଇଣ୍ଡାଠାରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସଡ଼କ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଅତିଥିମାନେ କହିଛନ୍ତି। ବଇଣ୍ଡା ରାମଦେଓ ହାଇସ୍କୁଲଠାରେ ଏହି କାର୍ଯ୍ୟକ୍ରମକୁ କ୍ଲବ ସଭାପତି ଡା. ସଞ୍ଜୟ କୁମାର ପ୍ରଧାନ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପାଳ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନୋରମା ସାହୁ, ଶିକ୍ଷକ ଉପେନ୍ଦ୍ର ପ୍ରଧାନ କ୍ଲବର ସମ୍ପାଦକ ବିଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ରଥରେ ବଜାର ପରିକ୍ରମା କରିଥିଲେ। ସୌମ୍ୟରଞ୍ଜନ ପ୍ରଧାନ, ବାଦଲ ମହାନ୍ତି, ସଞ୍ଜୟ ସାହୁ, ପଦ୍ମଲୋଚନ ସାହୁ, ଅମିତ୍ ନାୟକ, ଅଜିତ୍ ପଟ୍ଟନାୟକ, ଦୀନେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଆ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ

ବଇଣ୍ଡା,୯।୨(ଡି.ଏନ.ଏ.)

ବର୍ତ୍ତମାନ ବିଭିନ୍ନ ବିଦ୍ୟାଳୟରେ ଇଂଲିଶ ଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଫଳରେ ଓଡ଼ିଆ ଶିକ୍ଷା ପ୍ରତି ଛାତ୍ରୀଛାତ୍ରଙ୍କ ରୁଚି କମିଯାଉଛି। ଏଥିପ୍ରତି ସମସ୍ତ ଶିକ୍ଷାନୁଷ୍ଠାନ ଧ୍ୟାନ ଦେଇ ପାଠ୍ୟକ୍ରମରେ ଓଡ଼ିଆ ଶିକ୍ଷାକୁ ମଧ ଗୁରୁତ୍ୱ ଦିଆଯାଉ ବୋଲି ଗୁରୁବାର କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇ ଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟ ସଭାପତି ସନାତନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଉପସଭାପତି ମହେଶ୍ୱର ସାହୁ, ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନା, ସହ ସମ୍ପାଦକ ଲକ୍ଷ୍ମୀଧର ବେହେରା, କୋଷାଧ୍ୟକ୍ଷ ରାଜେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ବିନିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବାପୁଜୀ ଦେହୁରି, ପ୍ରକାଶ ଚନ୍ଦ୍ର ସେଠୀ, ଗୌରୀ ଶତପଥୀ, ଅନ୍ନପୂର୍ଣ୍ଣା ରାଉତଙ୍କ ସମେତ ବିଦ୍ୟାଳୟର ଆଚାର୍ଯ୍ୟାଆଚାର୍ଯ୍ୟମାନେ ସହଯୋଗ କରିଥିଲେ।

## 'ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଦେଶର ପ୍ରଗତି କରିବ'



ତାଳଚେର ୯।୨(ନି.ପ୍ର.)

ପବିତ୍ରମୋହନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ପିଏମ୍ଆଇଟି)ର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଲ୍‌କୋର ନିର୍ବାହୀ ନିର୍ଦ୍ଦେଶକ ରାଜକିଶୋର ମିଶ୍ର ଯୋଗଦେଇ ବୈଷୟିକ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରମାନେ ନିଜର କାର୍ଯ୍ୟଶୈଳୀ ଓ ପାରଦର୍ଶିତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶାନ୍ତନୁ ସର ବୈଷୟିକ ଜ୍ଞାନକୌଶଳ, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଫାଇଦା ନେଇ ପାରିଲେ ରାଷ୍ଟ୍ରର ପ୍ରଗତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଟିଟିପିଏସର ପ୍ରସନ୍ନଜିତ ପାଲ ଯୋଗ ଦେଇଥିଲେ। ପିଏମଆଇଟିର ସଭାପତି ଡ. ଦେବେନ୍ଦ୍ର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ସସ୍ମିତା ପଣ୍ଡା ଅତିଥି ପରିଚୟ, ଅଧ୍ୟକ୍ଷ ପ୍ରଣୟକୁମାର ମିଶ୍ର ବାର୍ଷିକ ବିବରଣୀ ପାଠ, ଉପାଧ୍ୟକ୍ଷ ତୁଷାରକାନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ।

## ବାଇକ ଦୁର୍ଘଟଣାରେ ୩ ଗୁରୁତର

ଅନୁଗୋଳ ଅଫିସ, ୯।୨

ଅନୁଗୋଳ ମୂଷାପାପୁଲି ଠାରେ ଦୁଇ ବାଇକ ମଧରେ ମୁହାଁମୁହିଁ ଧକ୍କା ହୋଇ ୩ ଜଣ ଗୁରୁତର ହୋଇଛନ୍ତି। ଜଣଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟ ଦୁଇ ଜଣଙ୍କୁ ଅନୁଗୋଳ ମେଡ଼ିକାଲରେ ଚିକିତ୍ସା କରାଯାଇଛି। ଆହତମାନେ ହେଲେ ଟଙ୍କଧର ରାଉତ, ବିଭୂତି ନାଏକ ଓ ବରୁଣ ନାଏକ। ଘଟଣାସ୍ଥଳରୁ ଅନୁଗୋଳ ପୋଲିସ ବାଇକ୍ ଦୁଇଟିକୁ (ଓଆର୍-୦୫-ବି-୮୦୫୮) ଓ (ଓଆର୍-୧୯-କେ-୭୪୯୦) ଥାନାକୁ ଆଣିଛି।

## ନିଷ୍ଠାପର କାମ ସଫଳତା ଆଣିଦେବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଅନୁଗୋଳ ଅଫିସ, ୯।୨

ଅନୁଗୋଳ ସହର କୁମଣ୍ଡ ଅଞ୍ଚଳରେ ଓଡ଼ିଶା ବ୍ରିଗେଡ୍ ସ୍କୁଲର ୧୯ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଉପଦେଷ୍ଟା ତଥା ସାମାଜିକ କର୍ମୀ ସୁଶାନ୍ତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପକ ପ୍ରଫେସର କ୍ଷୀରୋଦ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଅନୁଗୋଳ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଡ. ଅକ୍ଷୟ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଦାସ ଓ କୁମଣ୍ଡ ସରପଞ୍ଚ ଅନିଲ କୁମାର ସାହୁ ପ୍ରମୁଖ ଯୋଗଦେଇ ନିଷ୍ଠାପର ଭାବେ କାମ କଲେ ସଫଳତା ମିଳିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରାମାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିକ୍ଷକ କ୍ଷେତ୍ରବାସୀ ଦାସ ଓ ରାଜକିଶୋର ପ୍ରଧାନଙ୍କୁ ସମ୍ମାନିତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ ମୟୂରଭଞ୍ଜରେ ପୁଣି ଲଜ୍ଜା

# ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଉଦଳା, ୯।୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲାରେ ଥିବା ସେବାଶ୍ରମଗୁଡ଼ିକରେ ଜଣକ ପରେ ଜଣେ ଛାତ୍ରୀ ଗର୍ଭବତୀ ହେବା ଘଟଣା ଜନମାନସକୁ ବିଚଳିତ କରିଛି। ଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏପରି ପରିସ୍ଥିତି ଉପୁଜୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଉଦଳା ବ୍ଲକ ଖଲାଡି ପଞ୍ଚାୟତରେ ଥିବା ଏକ ଆଶ୍ରମ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ଶନିବାର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହି ଖବର ଜିଲା ପ୍ରଶାସନ ପାଖରେ ପହଞ୍ଚିବା ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମହାପାତ୍ରଙ୍କୁ ବଦଳି କରାଯାଇଛି। ଏହାସହ ଆଶ୍ରମ ହଷ୍ଟେଲ ଦାୟିତ୍ୱରେ ଥିବା ମାଟ୍ରନ ସୁବର୍ଣ୍ଣ ମଡ଼େଇଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।

ଉକ୍ତ ଛାତ୍ରୀଙ୍କ ଘର କପ୍ତିପଦା ଥାନା ଅଞ୍ଚଳରେ। ସେ ଗର୍ଭବତୀ ହୋଇଥିବା ଜାଣିବା ପରେ ଆଶ୍ରମ ସ୍କୁଲ କର୍ତ୍ତୃପକ୍ଷ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ସହ ଉକ୍ତ ଛାତ୍ରୀଙ୍କୁ ବାରିପଦା ପିଆରଏମ୍ ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି। ଉଦଳା ଥାନା ପୋଲିସ ଘଟଣାର ଖୋଳତାଡ଼ ଆରମ୍ଭ କରିଛି। ହେଲେ କାହାରିକୁ ଗିରଫ କରାଯାଇନାହିଁ। ଉଦଳା ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର ଏବଂ ଆଇଆଇସି ସନାତନ ସାହୁ ତଦନ୍ତ ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଛାତ୍ରୀ ଜଣକ ଦୁର୍ଗାପୂଜା ସମୟରେ ନିଜ ଗ୍ରାମକୁ ଯାଇଥିବାବେଳେ ଅସଦାଚରଣର ଶିକାର ହୋଇଥିଲେ। ମାତ୍ର ୪ ମାସ ପରେ ନାବାଳିକା ଜଣକ ଅନ୍ତଃସତ୍ତ୍ୱା ହୋଇଥିବା ଜାଣି ପାରି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୧୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। କିଛିଦିନ ତଳେ ମୋରଡ଼ା ଥାନା ଅଧୀନ ଏକ ଆଶ୍ରମ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏବେ ଉଦଳା ଥାନା ଅଞ୍ଚଳରେ ଅନୁରୂପ ଘଟଣା ଅଭିଭାବକମାନଙ୍କୁ ଚିନ୍ତାରେ ପକାଇଛି।

**ପ୍ରଧାନଶିକ୍ଷକଙ୍କୁ ବଦଳି, ମାଟ୍ରନ ବହିଷ୍କୃତ**

## ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର

ବାରିପଦା ଅଫିସ, ୯।୨

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୧୪ ବର୍ଷର ଜଣେ ନାବାଳକ ବଳାତ୍କାର କରିଥିବା ଜଣାପଡିଛି। ଶନିବାର ସନ୍ଧ୍ୟା ସୁଦ୍ଧା ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିଲେ ସୁଦ୍ଧା ପୋଲିସ ନିଜ ଆଡୁ ତଦନ୍ତ କରୁଛି। ଅପରପକ୍ଷେ ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ପ୍ରଥମେ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ଚନ୍ଦନ କୁମାର ଘଡେଇ ସୂଚନା ଦେଇଛନ୍ତି। ଉକ୍ତ ନାବାଳିକା ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିବାବେଳେ ନାବାଳକ ଜଣକ ତାଙ୍କୁ ନିଛାଟିଆ ସ୍ଥାନକୁ ଡାକିନେଇ ବଳାତ୍କାର କରିଥିଲେ। ତେବେ ଦୀର୍ଘ ସମୟ ଧରି ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ପରିବାର ଲୋକେ ଉକ୍ତ ନାବାଳିକାଙ୍କୁ ମୁମୂର୍ଷ ଅବସ୍ଥାରେ ସେଠାରେ ପଡିଥିବା ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବାଙ୍ଗିରିପୋଷି ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରୁ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଅବସ୍ଥା ଏବେ ଗୁରୁତର ରହିଛି।

## ସଂକ୍ଷେପରେ

### ଘର ପୋଡ଼ିଦେବା ଅଭିଯୋଗରେ ୩ ଗିରଫ

ବଅାଁରପାଳ, ୯।୨ (ଡି.ଏନ୍.ଏ)- ବଅାଁରପାଳ ବ୍ଲକ ମହାଧରପୁର ଅଞ୍ଚଳର ରମେଶ ପାଲଙ୍କ ଘର ପୋଡ଼ି ଦେବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାର୍ତ୍ତିକ ବେହେରା(୩୦), ମନୋଜ ବେହେରା(୩୫), ଟୁଲିଆ ବେହେରା(୩୧)। ପୂର୍ବ ଶତ୍ରୁତାକୁ ନେଇ ଗିରଫ ୩ ଜଣ ଶୁକ୍ରବାର ବିଳମ୍ବିତ ରାତିରେ ରମେଶଙ୍କ ଘରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି।

### ପବିତ୍ରମୋହନଙ୍କ ଜୟନ୍ତୀ ପାଳିତ

ଅନୁଗୋଳ ଅଫିସ, ୯।୨- ଅନୁଗୋଳ ସ୍ଥିତ ବାଜି ରାଉତ ଛାତ୍ରାବାସରେ ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର ଓଡ଼ିଶାର ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପବିତ୍ରମୋହନ ସ୍ମୃତି କମିଟି ଅନୁଗୋଳର ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବାଜିରାଉତ ଛାତ୍ରାବାସର ସମ୍ପାଦିକା କୃଷ୍ଣା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ପ୍ରଜାମଣ୍ଡଳ ମାଧମରେ ପବିତ୍ରମୋହନଙ୍କ କ୍ରାନ୍ତିକାରୀ ଆନ୍ଦୋଳନ ବ୍ରିଟିଶ ସରକାରକୁ ଦୋହଲାଇ ଦେଇଥିଲା। ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀ ସଦସ୍ୟ ଶ୍ରୀକାନ୍ତ ସାହୁ ଓ ଭାବଗ୍ରାହୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କୈଳାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଲିପିକା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସରସ୍ୱତୀ ଅପା, କାମିନୀ ଅପା, ଶରତ ନାଏକ, କ୍ଷୀରୋଦ ମହାରଣା, ଦେବକୀ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଆତ୍ମବିଶ୍ୱାସ ସଫଳତା ଆଣିଦେବ

କଣିହାଁ, ୯।୨(ଡି.ଏନ.ଏ.)- କଣିହାଁ ବ୍ଲକ ବଡ଼ତ୍ରିବିଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ସଭାପତି ନିତ୍ୟାନନ୍ଦ ବେହେରା, ଅବସରପ୍ରାପ୍ତ ଶିକ୍ଷକ କୁମର ଚନ୍ଦ୍ର ପ୍ରଧାନ, କିଶୋରଚନ୍ଦ୍ର ପ୍ରଧାନ, ସୁନୀଲ ପ୍ରଧାନ, ଅମରେଶ ଦାସ ଯୋଗଦେଇ ଆତ୍ମବିଶ୍ୱାସ ରଖି ପାଠ ପଢ଼ିଲେ ସଫଳତା ମିଳିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ କାର୍ତ୍ତିକେଶ୍ୱର ସାହୁ ଅତିଥି ପରିଚୟ, ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ, ମୋହନ ସୁନ୍ଦର ପାଣି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସିଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

କଣିହାଁ, ୯।୨(ଡି.ଏନ.ଏ.)- କଣିହାଁ ବ୍ଲକ ବଡ଼ହୀରା ଗ୍ରାମରେ ୩ ଦିନ ଧରି ଚାଲିଥିବା ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ପୂଜା ଉପଲକ୍ଷେ କଳସ ଅଧିବାସ, ଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ମନ୍ଦିର ପରିଚାଳନା କମିଟି, ଗ୍ରାମବାସୀ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ୨ ଗୁରୁତର

ପାଟଣା, ୯।୨(ସ୍ୱ.ପ୍ର.)- ପାଟଣା ବ୍ଲକର ଟାଙ୍ଗରପଡା ପଞ୍ଚାୟତ ହନୁମାନ ଛକ ଓ କଣ୍ଟିଆପଡା ପଞ୍ଚାୟତ ମାନପୁରରେ ଶନିବାର ଦୁଇଟି ପୃଥକ ଦୁର୍ଘଟଣାରେ ୨ବ୍ୟକ୍ତି ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ମାନେ ହେଲେ ଘଟଗାଁ ଥାନା କାଠଭାରୀ ଗ୍ରାମର ନିତ୍ୟାନନ୍ଦ ନାଏକ, ସଢ଼ିଙ୍ଗୀ ଗ୍ରାମର ବିଦେଶୀ ମହାକୁଡ଼। ଉଭୟ ବାଇକରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ମାଟିମନସ୍କ ସ୍ମୃତିରଞ୍ଜନ

# ଦିନରେ ପାଠପଢ଼ା, ରାତିରେ ମୂର୍ତ୍ତି ଗଢ଼ା


ସରସ୍ୱତୀ ପୂଜା ପାଇଁ ମୂର୍ତ୍ତି ତିଆରି କରୁଛନ୍ତି ସ୍ମୃତିରଞ୍ଜନ।

**ବଅାଁରପାଳ, ୯।୨ (ଡି.ଏନ୍.ଏ)**

ଉଚ୍ଚଶିକ୍ଷିତ ଯୁବପିଢ଼ିଙ୍କ ମଧ୍ୟରେ ଆଧୁନିକତାର ଦୌଡ଼ରେ ସାମିଲ ହେବାକୁ ଚାଲିଛି ପ୍ରତିଯୋଗିତା। ପାଠ ପଢ଼ିବା ପରେ ଅଧିକାଂଶ କ୍ଷେତ୍ରରେ ଆଜିର ଯୁବ ସମାଜ ସେମାନଙ୍କ କୌଳିକ ବୃତ୍ତିରୁ ମୁହଁ ଫେରାଇ ନେଉଛନ୍ତି। ହେଲେ ଏହି ସ୍ରୋତରେ ଭାସି ନ ଯାଇ ଶିକ୍ଷା ସହ କୌଳିକ ବୃତ୍ତିରେ ପାରଙ୍ଗମ ହେବାକୁ ଉଦ୍ୟମ କରି ଉଦାହରଣ ସୃଷ୍ଟି କରିଛନ୍ତି ଅନୁଗୋଳ ଜିଲା ବଅାଁରପାଳ ବ୍ଲକ ତଳମୂଳ ଅଞ୍ଚଳର ସ୍ମୃତିରଞ୍ଜନ ମୁଦୁଲି। ତଳମୂଳ ଆଞ୍ଚଳିକ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ କଳାରେ ପାଠ ପଢୁଥିବା ସ୍ମୃତିରଞ୍ଜନ କୁହନ୍ତି, କୁମ୍ଭକାର ହେବାକୁ ଛୋଟବେଳୁ ତାଙ୍କର ନିଶା। ପିଲାବେଳରୁ ତାଙ୍କ ଘରେ ମାଟିରେ ମୂର୍ତ୍ତି ଆଦି ତିଆରି ହେବା ଦେଖିଆସୁଛନ୍ତି। ମାତ୍ର ୫ମ ଶ୍ରେଣୀରେ ପଢୁଥିବାବେଳେ ସେ ବାପା ଭୀମସେନ ମୁଦୁଲିଙ୍କଠାରୁ ମୂର୍ତ୍ତି ତିଆରି କରିବା ଶିଖିଥିଲେ। ପରେ ଏ କ୍ଷେତ୍ରରେ ଆଉ ଦୁଇ ପାଦ ବଢ଼ିବାକୁ ବାପା ପ୍ରେରଣା ଯୋଗାଇ ଆସିଛନ୍ତି। ଏବେ ସେ ଗଣେଶ, ବିଶ୍ୱକର୍ମା, ସରସ୍ୱତୀ, ମହାଦେବ, ମା' ଲକ୍ଷ୍ମୀ, କାଳୀ, ଦୁର୍ଗାଙ୍କ ମୂର୍ତ୍ତିକୁ ଅତି ନିଖୁଣ ତଥା ଆକର୍ଷଣୀୟ ଭାବେ ନିର୍ମାଣ କରିପାରୁଛନ୍ତି। ଦିନ ବେଳା କଲେଜରେ ପାଠପଢ଼ା ଓ ସନ୍ଧ୍ୟା ପରେ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ରହିଥାନ୍ତି। ପର୍ବପର୍ବାଣିରେ ଶହ ଶହ ସଂଖ୍ୟାରେ ମୂର୍ତ୍ତି ନିର୍ମାଣ ପାଇଁ ସେ ଅର୍ଡର ପାଇଥାନ୍ତି। ନିଜ ଦକ୍ଷତା ଓ ପାରଦର୍ଶିତା ବଳରେ ଅଞ୍ଚଳରେ ସେ ଜଣେ ସଫଳ ଶିଳ୍ପୀ ଭାବେ ପରିଚିତ ହୋଇପାରିଛନ୍ତି। ଆଗାମୀ ଦିନରେ ତାଙ୍କ କଳାକୁ ଆହୁରି ଉନ୍ନତ କରିବା ସହ କୌଳିକ ବୃତ୍ତିରେ ହିଁ ସମାଜରେ ପରିଚୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିବା ସ୍ମୃତିରଞ୍ଜନ କହିଛନ୍ତି।

# ଡିଏଭି ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

**ତାଳଚେର, ୯।୨(ନି.ପ୍ର.)**

ଜଗନ୍ନାଥ କ୍ଷେତ୍ର ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଏମ.ଜି. ବ୍ରହ୍ମପୁରକର, ସମ୍ମାନିତ ଅତିଥି ଓଡ଼ିଶା ଜୋନ–୨ର ଆଞ୍ଚଳିକ ନିର୍ଦ୍ଦେଶକ ଲୋକନାଥ ପ୍ରଧାନ ଯୋଗଦେଇ ଉଦବୋଧନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅନନ୍ୟା ମହିଳା ମଣ୍ଡଳ ସଭାପତି ସନ୍ଧ୍ୟା ପୁରକର, ମାନସୀ ପ୍ରଧାନ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ଲେମେଣ୍ଟ ମୋମିନ, ସି. ଆର ଦାସ, ବି.ଏନ ସିଂ, ଏସ.କେ ସାହୁ, ବି.ଆର ମଲିକ, ଶ୍ରମିକ ନେତା ସୌଭାଗ୍ୟ ପ୍ରଧାନ, ସଞ୍ଜୟ କୁମାର ସିଂ, ଶଙ୍କର ବେହେରା, ସୁରେନ୍ଦ୍ର କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଭୋଳାନାଥ ମହନ୍ତ ଅଧ୍ୟକ୍ଷତା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




# କଲରାପତରିଆ ବାଘ ମୃତଦେହ ଉଦ୍ଧାର



**ଛେଣ୍ଡିପଦା, ୯।୨(ସ୍ୱ.ପ୍ର.)**

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳ କଣଲୋଇ ସଂରକ୍ଷିତ ଜଙ୍ଗଲ ରଙ୍ଗମାଟିଆ ପର୍ବତ ପାଦଦେଶ କମ୍ପାର୍ଟମେଣ୍ଟ ୭ରୁ ଶନିବାର ଏକ କଲରାପତରିଆ ବାଘର ମୃତଦେହ ବନବିଭାଗ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପରେ ବାଘ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ, ଏସିଏଫ୍ ଶ୍ରୀକାନ୍ତ ବେହେରା, ଫରେଷ୍ଟର କଳାକାର ପ୍ରଧାନ, ଫରେଷ୍ଟର ଦୀପକ କୁମାର ମହାନ୍ତି, ଫରେଷ୍ଟ ଗାର୍ଡ କମଳ ଲୋଚନ ପ୍ରଧାନ, ଦୀନବନ୍ଧୁ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆଡିଶିନାଲ ପିସିସିଏଫ ଏବଂ ଅନୁଗୋଳ ସର୍କଲଙ୍କ ନିର୍ଦ୍ଦେଶ କ୍ରମେ ବାଘ ମୃତଦେହ ଅନୁଗୋଳ ସ୍ଥାନାନ୍ତର କରାଯିବାପରେ ସେଠାରେ ଓୟୁଏଟି ଓ ଅନୁଗୋଳ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ଅନୁଗୋଳ ବନଖଣ୍ଡ ଅଧିକାରୀ ଭି. କାର୍ତ୍ତିକ କହିଛନ୍ତି, ବାଘ ଦେହରେ କୌଣସି କ୍ଷତ ଚିହ୍ନ ନାହିଁ। ରବିବାର ଡାକ୍ତରୀ ଟିମ୍ ମୃତଦେହ ବ୍ୟବଚ୍ଛେଦ କଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ପରେ ରିପୋର୍ଟ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

# ଗାଡ଼ିଚାଳନା ବେଳେ ସତର୍କତା ଜରୁରୀ



ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରୁଛନ୍ତି।

**ଅନୁଗୋଳ ଅଫିସ, ୯।୨**

ନାରୀ ସୁରକ୍ଷା ସମିତି ଆନୁକୂଲ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହାୟତାରେ ଶନିବାର ଅନୁଗୋଳ ଜିଲା କୋଶଳାଠାରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଦୀପ୍ତ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି ଗିରିଶ ଚନ୍ଦ୍ର ତ୍ରିପାଠୀ, ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ସୁନ୍ଦରୀ ମହାରଣା, ନିଲମ ନାଥ, ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ସାହୁ ଓ କୋଶଳା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଜିତ କୁମାର ବିଶ୍ୱାଳ, ପର୍ଶୁରାମ ସାହୁ, ସଙ୍ଗଠନର କର୍ମୀ ସୁରେଶ ନାୟକ, ଅଞ୍ଜନା ମହାକୁଡ଼, ମାଳତୀ ମହାପାତ୍ର ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷାର ସଚେତନତା ବାର୍ତ୍ତା ଦେଇଥିଲେ। ଗାଡ଼ି ଚାଳନାରେ ସତର୍କତା ଅବଲମ୍ବନ ଓ ସଡ଼କ ନିୟମ ପାଳନ କଲେ ଆମେ ଦୁର୍ଘଟଣାରୁ ବର୍ତ୍ତି ପାରିବା ବୋଲି ଅତିଥିମାନେ ଏହି ଅବସରରେ କହିଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରା କୋଶଳା ଉଚ୍ଚ ବିଦ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଥିଲା।

# ରାସ୍ତାରେ ଜମୁଛି ଆବର୍ଜନା ପାଣି

**ବଅାଁରପାଳ, ୯।୨ (ଡି.ଏନ୍.ଏ)**

ବଅାଁରପାଳ ବ୍ଲକ ତଳମୂଳ ପଞ୍ଚାୟତ ପାଟଣା ଅଞ୍ଚଳରେ ପରିମଳ ବ୍ୟବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ଅନାବନା ଗଛ ଭର୍ତ୍ତି ହେବା ସହ ଆବର୍ଜନା ପାଣି ଜମି ରହୁଥିବାରୁ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଥିଲେ ହେଁ ସ୍ଥାନୀୟ ପ୍ରଶାସନ କିମ୍ବା ଜନ ପ୍ରତିନିଧି ଏ ଦିଗରେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି ସହ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସାଧାରଣରେ ଦାବି ହୋଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ